# NATIONAL NEWS BULLETIN (ODIA)
## 5 May - 2025
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ପାକିସ୍ତାନ ବିରୋଧରେ ଆଉ ଏକ କଠୋର ପଦକ୍ଷେପ ଗ୍ରହଣ କଲା ଭାରତ ।
- ଆତଙ୍କବାଦୀ ଆକ୍ରମଣ ଘଟଣାକୁ ରୁଷ ରାଷ୍ଟ୍ରପତିଙ୍କ ଦୃଢ଼ ନିନ୍ଦା ।
- ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ଏବଂ ଜାପାନ ପ୍ରତିପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ।
- ଓ୍ୱାକଫ୍ ସଂଶୋଧନ ଆଇନ୍ ସଂକ୍ରାନ୍ତ ଏକାଧିକ ମାମଲାର ଶୁଣାଣି ଆସନ୍ତା ୧୫ ତାରିଖକୁ ଧାର୍ଯ୍ୟ କଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ପ୍ରତିଯୋଗିତାରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

# ଜେକେ-ବାଗ୍‌ଲିହାର ଡ୍ୟାମ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ପାକିସ୍ତାନ ବିରୋଧରେ ଭାରତ ଆଉ ଏକ କଠୋର ପଦକ୍ଷେପ ଗ୍ରହଣ କରିଛି । ଚେନାବ ନଦୀର ବାଗ୍‌ଲିହାର ନଦୀ ବନ୍ଧ ଦେଇ ଜଳ ପ୍ରବାହକୁ ଭାରତ ବନ୍ଦ କରିଛି । ଆକାଶବାଣୀର ଜାମ୍ମୁ ସମ୍ବାଦଦାତା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସିନ୍ଧୁ ନଦୀରେ ପାକିସ୍ତାନକୁ ଗୋଟିଏ ବି ବିନ୍ଦୁ ଜଳ ଦିଆ ନଯିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଝେଲମ ନଦୀ ଉପରେ ଥିବା କିଶନଗଙ୍ଗା ନଦୀ ବନ୍ଧରେ ମଧ୍ୟ ଭାରତ ସମପଦକ୍ଷେପ ଗ୍ରହଣ କରିବାକୁ ଯୋଜନା କରୁଛି । ଜାମ୍ମୁ ଡିଭିଜନ୍‌ର ରାମବନ ଜିଲ୍ଲା ଅନ୍ତର୍ଗତ ବାଗଲିହାର୍ ଏବଂ  ଉତ୍ତର କାଶ୍ମୀରର କିଶନ୍‌ଗଙ୍ଗା ଜଳ ବିଦ୍ୟୁତ୍ ବନ୍ଧରୁ ଜଳ ନିଷ୍କାସନ କରିବାର ସମୟ ନିୟନ୍ତ୍ରଣ କ୍ଷମତା ଭାରତ ସପକ୍ଷରେ ରହିଛି । ବାଗଲିହାର୍ ନଦୀବନ୍ଧ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦର ବିଷୟ ପାଲଟିଥିବା ବେଳେ ଅତୀତରେ ପାକିସ୍ତାନ ଏଥିପାଇଁ ବିଶ୍ୱବ୍ୟାଙ୍କ୍‌ର ମଧ୍ୟସ୍ଥତା ଦାବି କରିଥିଲା ବୋଲି ସମ୍ବାଦଦାତା ସୂଚନା ଦେଇଛନ୍ତି ।

# ଇଣ୍ଡିଆ-ରୁଷ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଦୃଢ଼ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଜି ଟେଲିଫୋନ୍ ବାର୍ତ୍ତାଳାପ ସମୟରେ ରାଷ୍ଟ୍ରପତି ପୁଟିନ୍ ନିରିହ ଜୀବନହାନୀ ପାଇଁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସେ ପୂର୍ଣ୍ଣ ସମର୍ଥନ କରିଛନ୍ତି । ଏହି ଆକ୍ରମଣରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଉଭୟ ନେତା ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ମତ ବିନିମୟ କରିଛନ୍ତି । ବିଜୟ ଦିବସର ୮୦ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଚଳିତ ବର୍ଷ ଶେଷ ଆଡ଼କୁ ଭାରତରେ ଆୟୋଜିତ ହେବାକୁ ଥିବା ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି ।

## ଭିପି-କର୍ଣ୍ଣାଟକ

ନିରନ୍ତର ବିକାଶ ଦେଶର ମାର୍ଗ ଦର୍ଶକ ହେବା ଉଚିତ୍ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାର ସିର୍ଷି ସ୍ଥିତ ଫରେଷ୍ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଆଜି ସମ୍ବୋଧନ କରି ଶ୍ରୀ ଧନଖଡ଼ ଏହା କହିଛନ୍ତି । ବିକାଶ ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଉପରାଷ୍ଟ୍ରପତି ଆଲୋକପାତ କରିଛନ୍ତି । କ୍ଷେତ୍ର ଭିତ୍ତିକ ଶିକ୍ଷା ସହିତ ଅର୍ଥନୀତି ଏବଂ ପରିବେଶ ମଧ୍ୟରେ ରହିଥିବା ସମ୍ପର୍କ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଅବସରରେ ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଉପରେ ଆଲୋକପାତ କରିବା ସହ ଉପରାଷ୍ଟ୍ରପତି ଏବଂ କର୍ଣ୍ଣାଟକ ରାଜ୍ୟପାଳ ଥାୱର୍‌ଚନ୍ଦ ଗେହେଲତ୍ ଚାରା ରୋପଣ କରିଛନ୍ତି ।

## ଇଣ୍ଡିଆ-ଜାପାନ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୂଆଦିଲ୍ଲୀରେ ଆଜି ଜାପାନ ପ୍ରତିପକ୍ଷ ଜେନେରାଲ୍ ନାକାତାନିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଆତଙ୍କବାଦକୁ ନିନ୍ଦା କରିବା ସହ ଉଭୟ ପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଏବଂ

ବୈଶ୍ୱିକ ସହଭାଗିତା ନେଇ ମତ ବିନିମୟ କରିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଆଞ୍ଚଳିକ ଶାନ୍ତି ପ୍ରତିଷ୍ଠା ଦିଗରେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ଦୋହରାଇଛନ୍ତି । ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଲୋଚନା କରିଛନ୍ତି । ସେଥିମଧ୍ୟରେ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସହଯୋଗ ଆଦି ଅନ୍ତର୍ଭୁକ୍ତ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତକୁ ଦୃଢ଼ ସମର୍ଥନ ପ୍ରକାଶ କରିଥିବାରୁ ଶ୍ରୀ ସିଂହ ଜାପାନ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୀମାପାର ଆତଙ୍କବାଦ ପାଇଁ ପାକିସ୍ତାନର ରାଷ୍ଟ୍ରୀୟ ନୀତିକୁ ଶ୍ରୀ ସିଂହ ଏହି ଅବସରରେ ଦୃଢ଼ ନିନ୍ଦା କରିଛନ୍ତି । ଜାପାନ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ନାକାତାନି ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଭାରତକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛନ୍ତି ।

ସାଇବର ଏବଂ ମହାକାଶ ଭଳି ଉଦୀୟମାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି କରିବା ଲାଗି ଉଭୟ ନେତା ନିଷ୍ପତ୍ତି ନେଇଛନ୍ତି । ବୈଠକ ପୂର୍ବରୁ ଜେନେରାଲ୍ ନାକାତାନିଙ୍କୁ **ଟ୍ରାଇ ସର୍ଭିସ୍ ଗାର୍ଡ୍ ଅଫ୍ ଅନର୍** ପ୍ରଦାନ କରାଯାଇଥିଲା । ଜାତୀୟ ଯୁଦ୍ଧ ସ୍ମାରକୀରେ ସେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ଭାରତ ଏବଂ ଜାପାନ ମଧ୍ୟରେ ଦୀର୍ଘମିଆଦୀ ବନ୍ଧୁତ୍ୱ ରହିଛି । ୨୦୧୪ରେ ଏହି ସହଯୋଗ ସ୍ୱତନ୍ତ୍ର ପଦକ୍ଷେପ ଏବଂ ବୈଶ୍ୱିକ ସହଭାଗିତାରେ ପରିଣତ ହେବା ପରେ ଅଧିକ ତ୍ୱରାନ୍ୱିତ ହୋଇଛି ।

## ଜୟଶଙ୍କର-ଜାପାନ ସ୍ପିକର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀରେ ଆଜି ଜାପାନ ପ୍ରତିନିଧି ସଭାର ବାଚସ୍ପତି ଫୁକୁସିରୋ ନୁକାଗାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଅବସରରେ ନୁକାଗାଙ୍କ ସହ ଆସିଥିବା ସଂସଦୀୟ ସହଯୋଗୀ ଏବଂ ବ୍ୟାବସାୟିକ ପ୍ରତିନିଧି ଉପସ୍ଥିତ ଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଜାପାନ ପ୍ରତିନିଧି ମଣ୍ଡଳୀ ଭାରତକୁ ସମର୍ଥନ ପ୍ରକାଶ କରିଥିବାରୁ ଶ୍ରୀ ନୁକାଗାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭାରତ ଏବଂ ଜାପାନ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଶ୍ରୀ ନୁକାଗାଙ୍କ ନେତୃତ୍ୱକୁ ଡକ୍ଟର ଜୟଶଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । ଦକ୍ଷ ମାନବ ସମ୍ବଳ ବିନିମୟ ବୃଦ୍ଧି, ବ୍ୟାବସାୟିକ ସମ୍ପର୍କ, ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଭାଗିତା ଆଦି ନେଇ ଦୁଇ ପକ୍ଷ ଆଲୋଚନାକାଳରେ ସହମତି ପ୍ରକାଶ କରିଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

# ମିଜୋରାମ-ୱାକଫ୍

ବୟନ ଶିଳ୍ପ ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଛନ୍ତି, ୱାକଫ୍ ସଂଶୋଧନ ଆଇନ୍ ୨୦୨୫ ସ୍ୱଚ୍ଛତା, ସୁଶାସନ ଏବଂ ମୁସଲମାନ ସମ୍ପ୍ରଦାୟଙ୍କ ହିତକୁ ସୁନିଶ୍ଚିତ କରିବ । ଏହା ଏକ ସଂସ୍କାର ଭିତ୍ତିକ ପଦକ୍ଷେପ । ତେବେ ବିଭିନ୍ନ କ୍ଷେତ୍ରରେ ଏହାକୁ ଭୁଲ ଭାବରେ ଉପସ୍ଥାପନ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ମିଜୋରାମ ଠାରେ ଆଇଜଲ୍ ଠାରେ ୱାକଫ୍ ସୁଧାର ଜନଜାଗରଣ ଅଭିଯାନର କର୍ମଶାଳାରେ ଯୋଗଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ସେ ଏହା କହିଛନ୍ତି । ୱାକଫ୍ ସମ୍ପତ୍ତି ପରିଚାଳନାକୁ ସୁଦୃଢ଼ କରିବା ଏବଂ ମୁସଲମାନ ସମ୍ପ୍ରଦାୟର ଉନ୍ନତିକୁ ଦୃଷ୍ଟିରେ ରଖି ଏହି ଆଇନ୍ ପ୍ରଚଳନ କରାଯାଇଛି । ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିବା ପୂର୍ବରୁ ୩୧ ଜଣିଆ ଯୁଗ୍ମ ସଂସଦୀୟ କମିଟି ଗଭୀର ଭାବେ ଏହାର ଅନୁଧ୍ୟାନ କରିଥିଲା । କମିଟିର ୩୮ଟି ବୈଠକ ଅନୁଷ୍ଠିତ ହେବା ସହ ୨୫ଟି ରାଜ୍ୟ ୱାକଫ୍‌ବୋର୍ଡ, ୧୫ଟି ରାଜ୍ୟ ସରକାର, ୫ଟି ସଂଖ୍ୟାଲଘୁ ଆୟୋଗ ଏବଂ ସାଂସଦ, ବିଧାୟକଙ୍କ ସମେତ ୨୮୪ ଜଣ ଅଂଶିଦାରଙ୍କ ପରାମର୍ଶ ଆଧାରରେ ଏହି ଆଇନ୍‌ର ବାସ୍ତବ ରୂପରେଖ ପ୍ରସ୍ତୁତ କରାଯାଇଛି । ଆଇନ୍ ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ ।

# ସୀତାରମଣ-ଏଡିବି

ଇଟାଲୀର ମିଲାନ୍ ଠାରେ ଚାଲିଥିବା ୫୮ତମ ଏସୀୟ ଉନ୍ନୟନ ବ୍ୟାଙ୍କ୍ ବାର୍ଷିକ ବୈଠକ ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ' ବ୍ୟାଙ୍କ୍‌ର ସଭାପତି ମାସାତୋ କାଣ୍ଡାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଘରୋଇ କ୍ଷେତ୍ର ଆଧାରିତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବ୍ୟବସାୟ କରିବାର ସହଜତା ନେଇ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଶ୍ରୀମତୀ ସୀତାରମଣ ବ୍ୟାଙ୍କ ସରାପତିଙ୍କୁ ଅବଗତ କରାଇଥିଲେ । ଦେଶରେ ଅନୁକୂଳ ନୀତି ଏବଂ ନିୟାମକ ଇକୋ ସିଷ୍ଟମ୍ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ, ଜି.ଏସ୍.ଟି. କାର୍ଯ୍ୟକାରିତା, କର୍ପୋରେଟ୍ ଟିକସହାର ହ୍ରାସ, ଷ୍ଟାର୍ଟଅପ୍ ଇଣ୍ଡିଆ ଆଦି କ୍ଷେତ୍ର ଗୁଡ଼ିକ ଉପରେ ବୈଠକରେ ମତ ବିନିମୟ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକୁ ବ୍ୟାଙ୍କ୍ ସଭାପତି ମାସାତୋ କାଣ୍ଡା ସମର୍ଥନ କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଗ୍ରୀଷ୍ମ ପ୍ରବାହ ସମୟରେ ନିରାପଦ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ. ଜେନାମଣି ଏବଂ ଲେଡି ହାର୍ଡିଙ୍ଗ୍ ମେଡିକାଲ୍ କଲେଜ୍ର ଭେଷଜ ବିଭାଗର ପ୍ରଫେସର ଡକ୍ଟର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ସନ୍ରାଇଜର୍ସ ହାଇଦ୍ରାବାଦ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମ୍ରେ

ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ସନ୍‌ରାଇସର୍ଜ ହାଇଦ୍ରାବାଦ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ବିଜୟଲାଭ କରିଛନ୍ତି ।